# FAQ relating to maintenance and welfare of Parents and Senior Citizen Act-2007

## ପିତାମାତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ-୨୦୦୭

**୧. ପିତାମାତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ-୨୦୦୭ ର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକ କଣ ?**

ଉତ୍ତର- ଏହି ଅଧିନିୟମ ଆଇନଗତ ଉତ୍ତରାଧିକାରୀ ମାନଙ୍କୁ ସେମାନଙ୍କର ପିତାମାତା ତଥା ପରିବାରର ବରିଷ୍ଠ ସଦସ୍ୟମାନଙ୍କର ଆବଶ୍ୟକତା ଭିତିରେ ଭରଣପୋଷଣ ଓ କଲ୍ୟାଣ ନିମନ୍ତେ ଆଇନତଃ ବାଧ୍ୟ କରାଇବା ପ୍ରତି ଅଧିକ ଦୃଷ୍ଟି ଦେଇଥାଏ । ପିତାମାତା, ବରିଷ୍ଠ ସଦସ୍ୟରେ ଭରଣପୋଷଣ ଦାବୀ ଜନିତ ମାମଲାର ସମୟାବଦ୍ଧ ସମାଧାନ ପାଇଁ ନ୍ୟାୟାଧିକରଣ ଗଠନ କରାଯାଇପାରେ, ନ୍ୟାୟାଧିକରଣର ଶୁଣାଣିର କୌଣସି ସ୍ତରରେ ବି ଆଇନଜୀବିଙ୍କୁ ଅଂଶଗ୍ରହଣ ପାଇଁ ବାରଣ କରାଯାଏ ।

୨୦୦୭ ମସିହା ଏହି ଅଧିନିୟମରେ ମଧ୍ୟ ବରିଷ୍ଠ ନାଗରିକ ମାନଙ୍କର ଧନ, ଜୀବନର ସୁରକ୍ଷା, ଉତ୍ତମ ଚିକିତ୍ସା ସେବା, ପ୍ରତି ଜିଲ୍ଲାରେ ଜରାଶ୍ରମ ପ୍ରତିଷ୍ଠା ଇତ୍ୟାଦିର ବ୍ୟବସ୍ଥା ରହିଛି ।

**୨. ଏହି ଅଧିନିୟମର ପ୍ରଯୁଜ୍ୟତା କଣ ? ରାଜ୍ୟମାନଙ୍କରେ ଏହି ଅଧିନିୟମ କିପରି ବଳବତ୍ତର ହୋଇପାରେ ?**

ଉତ୍ତର -ଏହି ଅଧିନିୟମ ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ବ୍ୟତୀତ ଭାରତର ସବୁ ରାଜ୍ୟରେ ଲାଗୁ ହୋଇଥାଏ । ଏପରିକି ଏହାର ଧାରା ୧ (୨) ବଳରେ ଭାରତ ବାହାରେ ରହୁଥିବା ନାଗରିକ ଏହାର ଅନ୍ତର୍ଭୁକ୍ତ । ରାଜ୍ୟ ଅଧିକାରିକ ରାଜପତ୍ରର ବିଜ୍ଞପ୍ତି ଧାରା ୧(୩) ର ତାରିଖ ଅନୁସାରେ ଏହା ଏକ ପ୍ରଦେଶରେ ଲାଗୁ ହୋଇଥାଏ ।

**୩. ଏହି ଅଧିନିୟମ ଅର୍ନ୍ତଗତ ସନ୍ତାନ/ସନ୍ତାନଗଣ କହିଲେ ଆମେ କଣ ବୁଝିବା ?**

ଉତ୍ତର- ସାବାଳକ ପୁତ୍ର, କନ୍ୟା, ନାତି, ନାତୁଣୀ ସମସ୍ତେ ଏହାର ଅର୍ନ୍ତଭୁକ୍ତ ।

**୪. ଅଧିନିୟମ ଭରଣପୋଷଣ କହିଲେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦିଏ ?**

ଉତ୍ତର- ଭରଣପୋଷଣ କହିଲେ ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଚିକିତ୍ସା ସେବା, ଦେଖାଶୁଣା ଇତ୍ୟାଦି ବୁଝାଏ ।

**୫. ଅଧିନିୟମ ବରିଷ୍ଠ ନାଗରିକ କହିଲେ କେଉଁ ମାନଙ୍କୁ ବୁଝାଏ ?**

ଉତ୍ତର- ଷାଠିଏ ବର୍ଷ , ତା ଠାରୁ ଅଧିକ ବୟସରେ ଉପନୀତ ହୋଇଥିବା ଜଣେ ଭାରତୀୟ ନାଗରିକଙ୍କୁ ବୁଝାଏ ।

**୬. ଅଧିନିୟମର ଧାରା ଅନୁସାରେ ଭରଣପୋଷଣ ଦାବୀ କରିବା ପାଇଁ କେଉଁମାନେ ଯୋଗ୍ୟ ଅଟନ୍ତି ?**

ଉତ୍ତର- ସ୍ୱୟଂ ଭରଣପୋଷଣ କିମ୍ବା ସେମାନଙ୍କ ନାମରେ ଥିବା ସଂପତି ଦ୍ୱାରା ଭରଣପୋଷଣ ପାଇଁ ଅସମର୍ଥ ପିତାମାତା, ଜେଜେବାପା, ଜେଜେ ମାଆ, ସନ୍ତାନବିହୀନ ବରିଷ୍ଠ ନାଗରିକ ପରି ବରିଷ୍ଠ ନାଗରିକମାନେ ଆବେଦନ ମାଧ୍ୟମରେ ଏଥିପାଇଁ ଯୋଗ୍ୟ ହୋଇପାରିବେ ।

**୭. ଦାବିଦାରଙ୍କ ଭିନ୍ନ ଅନ୍ୟ କେହି ଆବେଦନ ଦାଖଲ କରିପାରିବେ କି ?**

ଉତ୍ତର- ଭରଣପୋଷଣ ପାଇଁ ଆବେଦନ ନିମ୍ନମତେ କରାଯାଇପାରେ-

(କ) ଜଣେ ବରିଷ୍ଠ ନାଗରିକ କିମ୍ବା ପିତା, ମାତା, କିମ୍ବା

(ଖ) ଯଦି ସେ ଅସମର୍ଥ ଅଟନ୍ତି, ତେବେ ତାଙ୍କ ଠାରୁ ପ୍ରାଧିକାର ପ୍ରାପ୍ତ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ସଂଗଠନ କିମ୍ବା

(ଗ) ନ୍ୟାୟାଧିକରଣ ନିଜ ତରଫରୁ ସଜ୍ଞାନ କୁ ନେବେ

**୮. ଶୁଣାଣି ଚାଲିଥିବା ସମୟରେ ଦାବିକାରଙ୍କୁ ନିର୍ବାହ ଭତ୍ତା ପ୍ରଦାନ ପାଇଁ ଆଦେଶ ନ୍ୟାୟାଧିକରଣ ଦେଇ ପାରିବେ କି ?**

ଉତ୍ତର- ଶୁଣାଣି ସ୍ଥଗିତ ଥିବା ସମୟରେ ନ୍ୟାୟାଧିକରଣ ଆବଶ୍ୟକ ମନେ କଲେ ସଂପର୍କୀୟ କିମ୍ବା ସନ୍ତାନକୁ ଅନ୍ତରୀଣ ପୋଷଣ ପାଇଁ ମାସିକ ଭତ୍ତା ସ୍ଥିର କରିପାରିବେ ଓ ଏହା ବରିଷ୍ଠ ନାଗରିକ, ପିତା ମାତାଙ୍କୁ ପ୍ରଦାନ କରିବା ପାଇଁ ଆଦେଶ ଦେଇପାରିବେ ।

**୯ ଭରଣପୋଷଣ ଦାବି ପାଇଁ ଏକ ଆବେଦନର ମୀମାଂସା ପାଇଁ ଏକ ସମୟ ସୀମା ଅଛି କି ?**

ଉତ୍ତର- ଅଧିନିୟମର ଧାରା (୫)ର ଉପଧାରା (୪) ଅନୁସାରେ ଭରଣପୋଷଣ ଓ ନିର୍ବାହ ପାଇଁ ମାସିକ ଭତା ହୋଇଥିବା ଆବେଦନର ବିଚାର ସଂପୃକ୍ତ ବ୍ୟକ୍ତିଙ୍କୁ ଜଣାଇଥିବା ଆବେଦନ ବିଚାର

ପାଇଁ ବିଜ୍ଞପ୍ତିର ତାରିଖ ଠାରୁ ନିବେଦନ ମଧ୍ୟରେ ସମାପ୍ତ ହେବା ଜରୁରୀ । ତେବେ ନ୍ୟାୟାଧିକରଣ ଏହି ସମୟ ଅବଧିକୁ ସର୍ବାଧିକ ୩୦ ଦିନ ଜଣାଇ ପାରିବେ ଓ ଏପରି ଅସ୍ୱାଭାବିକ ପରିସ୍ଥିତିର କାରଣ ଲିଖିତ ଭାବେ ଲିପିବଦ୍ଧ କରିବେ ।

**୧୦. ରାଜ୍ୟମାନେ ନ୍ୟାୟାଧିକରଣ ପ୍ରତିଷ୍ଠା କରିବା କ୍ଷେତ୍ରରେ କୌଣସି ସମୟ-ସୀମା ନିର୍ଦ୍ଧାରିତ କରାଯାଇଛି କି ?**

**ଉତ୍ତର-** ରାଜ୍ୟ ସରକାର ଏହି ଅଧିନିୟମ ଲାଗୁ ହେବାର ଛଅମାସ ମଧ୍ୟରେ ପ୍ରତ୍ୟେକ ଉପଖଣ୍ଡରେ ଆବଶ୍ୟକତା ଅନୁସାରେ ଏକ ବା ଏକାଧିକ ନ୍ୟାୟାଧିକରଣ ର ଖୋଲିବା ଆବଶ୍ୟକ ।

**୧୧. ଭରଣପୋଷଣ ଆଦେଶର ପ୍ରଭାବ କଣ ?**

ଉତ୍ତର- ଏହି ଅଧିନିୟମ ବଳରେ ପ୍ରଦାନ କରାଯାଇଥିବା ଏକ ଭରଣପୋଷଣ ଆଦେଶ, ଫୌଜଦାରୀ କାର୍ଯ୍ୟ ବିଧି ସଂହିତା, ୧୯୭୩ ର ନବମ ଅଧ୍ୟାୟ ବଳରେ ପ୍ରଦାନ କରାଯାଇଥିବା ଆଦେଶ ସହିତ ସମାନ ଅଟେ ଓ ଏହାର ଆଦେଶ ସେହି ବିଧି ଅନୁସାରେ କାର୍ଯ୍ୟକାରୀ ହେବ ।

**୧୨. ଏହି ଅଧିନିୟମ ବଳରେ ଆବେଦନମୂଳକ ନ୍ୟାୟାଧିକରଣ ଠାରେ କିଏ ଆବେଦନ କରିପାରିବେ ?**

ଉତ୍ତର- ବରିଷ୍ଠ ନାଗରିକ କିମ୍ବା ପିତା ମାତା ଯିଏ ନ୍ୟାୟାଧିକରଣଙ୍କର ଆଦେଶକୁ ନେଇ ଅସନ୍ତୁଷ୍ଟ ଥିବେ, ଆଦେଶ ପ୍ରକାଶ ତାରିଖର ଷାଠିଏ ଦିନ ମଧ୍ୟରେ ଆବେଦନମୂଳକ ନ୍ୟାୟାଧିକରଣଙ୍କ ପାଖରେ ଆବେଦନ କରିପାରିବେ ।

**୧୩. ଆବେଦନମୂଳକ ନ୍ୟାୟାଧିକରଣ ଆବେଦନ ବିଚାର ସମୟ ସୀମା ଥାଏ କି ?**

ଉତ୍ତର- ଆବେଦନ ଗ୍ରହଣ କରିବାରେ ଏକ ମାସ ମଧ୍ୟରେ ଆବେଦନମୂଳକ ନ୍ୟାୟାଧିକରଣ ପାଖରେ ଆଦେଶ ଲିଖିତ ଆକାରରେ ଜଣାଇବାକୁ ପ୍ରଯନ୍ନ କରିବେ ।

**୧୪. ନ୍ୟାୟାଧିକରଣର ଭରଣପୋଷଣ ଆଦେଶର ପାଳନ ନ କଲେ କି ଦଣ୍ଡ ବିଧାନ ରହିଛି କି ?**

ଉତ୍ତର- ହଁ ନିଶ୍ଚୟ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦତ୍ତ ଆଦେଶ ଫୌଜଦାରୀ ଦଣ୍ଡବିଧି ସଂହିତା ଧାରା-୧୨୫ ଅଧୀନରେ ପ୍ରଦାନ ଭରଣପୋଷଣ ଆଦେଶ ସହିତ ସମାନ ଅଟେ । ଏହା ଏକ ମାସ କାରାଦଣ୍ଡ ଦେଇପାରେ ଓ ଏହା ମଧ୍ୟ ସ୍ଥିରୀକୃତ ଅର୍ଥରାଶି ଆଦାୟ ପାଇଁ ସମୟସୀମା ଓ ତାର ଉଲଂଘନ ହେଲେ ଜୋରିମାନା ସହିତ ଆଦାୟ ପାଇଁ ଆଦେଶ ଦେଇପାରେ ।

**୧୫. ଇଚ୍ଛାପତ୍ର ରଦ୍ଦ କରିବା ସମ୍ବନ୍ଧରେ କଣ ବ୍ୟବସ୍ଥା ରହିଛି ?**

ଉତ୍ତର- ଏହି ଅଧିନିୟମ ବ୍ୟବସ୍ଥା ଅନୁସାରେ ଜଣେ ବରିଷ୍ଠ ନାଗରିକ ତାଙ୍କର ସଂପତିର ଉତ୍ତରାଧିକାରୀତ୍ୱ ରଦ୍ଦ କରିପାରିବେ । ଯଦି ଉତ୍ତମ ରକ୍ଷଣାବେକ୍ଷଣର ଆଶାରଖି ସଂପତି କୁ ସେ ସନ୍ତାନ/ସଂପର୍କୀୟକୁ ହସ୍ତାନ୍ତରିତ କରିଥିବେ ଓ ପରେ ସେ ସେପରି ସୁବିଧା ପାଇ ନଥିବେ ପିତାମାତାଙ୍କ ଠାରୁ ପ୍ରାପ୍ତ ଆବେଦନ କ୍ରମେ ନ୍ୟାୟାଧିକରଣ ଏପରି ହସ୍ତାନ୍ତରଣକୁ ଅସାର ଘୋଷଣା କରି ପାରିବେ ।

**୧୭. ପିତାମାତାଙ୍କୁ ପରିତ୍ୟାଗ କରିଥିବା ସନ୍ତାନଙ୍କ ପାଇଁ କି ଦଣ୍ଡ ବିଧାନ/କାରାଦଣ୍ଡର ବ୍ୟବସ୍ଥା ଅଛି ?**

ଉତ୍ତର- ଅବଶ୍ୟ । ବରିଷ୍ଠ ନାଗରିକ ପିତାମାତା ଭରଣପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୭ରେ ସନ୍ତାନ ମାନଙ୍କର ଏପରି କୁକାର୍ଯ୍ୟକୁ ନିରୁତ୍ସାହିତ କରିବା ପାଇଁ ଦଣ୍ଡର ବ୍ୟବସ୍ଥା ରହିଛି ତାହା ୩ ମାସ ଜେଲଦଣ୍ଡ ଓ ୫୦୦୦/- ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମଧ୍ୟ ହୋଇପାରେ ।

**୧୭. ଫୌଜଦାରୀ ଦଣ୍ଡବିଧି ସଂହିତା ଧାରା ୧୨୫ ଓ ପିତାମାତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ ୨୦୦୭ ମଧ୍ୟରେ କଣ ସାଦୃଶ ରହିଛି ?**

ଉତ୍ତର- ଯଦି ପିତାମାତା ନିଜେ ନିଜର ଭରଣପୋଷଣ ପାଇଁ ଅସମର୍ଥ ହୋଇଥାନ୍ତି ସେମାନେ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁସାରେ ଫୌଜଦାରୀ ଦଣ୍ଡବିଧି ୧୨୫ ଆଧାରରେ ଅଦାଲତଙ୍କ ପାଖରେ କିମ୍ବା ପିତାମାତା ଓ ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ୨୦୦୭ ଅଧୀନରେ ଗଠିତ ନ୍ୟାୟାଧିକରଣଙ୍କ ଠାରେ ଭରଣପୋଷଣ ଦାବି ଜଣାଇ ପାରିବେ । ଉଭୟରେ ଦଣ୍ଡାଦେଶ ସମାନ ଅଟେ ।

**୧୮. ଏହି ଅଧିନିୟମରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଚିକିତ୍ସା ପ୍ରଜନ୍ମ ପାଇଁ କେଉଁ ସବୁ ସୁବିଧା ରହିଛି ।**

ଉତ୍ତର ଏହି ଅଧିନିୟମ ରାଜ୍ୟ ସରକାରଙ୍କୁ ଏଥିପାଇଁ ସୁନିଶ୍ଚିତ କରାଏ ଯେ-

- ସରକାରୀ କିମ୍ବା ପୂର୍ଣ୍ଣ ଅଥବା ଆଂଶିକ ସରକାରୀ ଅନୁଦାନ ପାଉଥିବା ଚିକିତ୍ସାଳୟରେ ବରିଷ୍ଠ ନାଗରିକଙ୍କୁ ଯଥା ସମ୍ଭବ ଶଯ୍ୟାର ବ୍ୟବସ୍ଥା କରିବେ
- ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା ରହିବ
- ବରିଷ୍ଠ ନାଗରିକଙ୍କ ପାଇଁ ପୁରାତନ, ଦୀର୍ଘସ୍ଥାୟୀ, ରୋଗର ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ
- ବୟସାଧିକ୍ୟ, ବାର୍ଦ୍ଧକ୍ୟଜନିତ ରୋଗର ସମ୍ବନ୍ଧୀୟ ଗବେଷଣାକୁ ବିସ୍ତୃତ କରାଇବେ

- ପ୍ରତି ଜିଲ୍ଲା ଚିକିତ୍ସାଳୟରେ ଜରାବସ୍ଥାର ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତରଙ୍କ ଅଧ୍ୟକ୍ଷତାରେ ଏପରି ବ୍ୟକ୍ତି ମାନଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇ ଦେବେ ।

୧୯. **ଅଧିନିୟମରେ ବରିଷ୍ଠ ନାଗରିକ ମାନଙ୍କର ଧନ ଜୀବନର ସୁରକ୍ଷା ପାଇଁ କଣ ସବୁ ବ୍ୟବସ୍ଥା ରହିଛି ?**

**ଉତ୍ତର-** କେନ୍ଦ୍ରସରକାର ଓ ରାଜ୍ୟସରକାରଙ୍କ ଅଧିକାରୀ, ପୋଲିସ ଅଧିକାରୀ, ନ୍ୟାୟିକ ସେବାର ସଦସ୍ୟ ମାନଙ୍କଙ୍କୁ ଏହି ଅଧିନିୟମ ଅନ୍ତର୍ଗତ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ପାଇଁ ସମୟାନୁଭିତିକ ତାଲିମ ଦେବା ଉପରେ ଅଧିନିୟମ ଗୁରୁତ୍ୱ ଦେଇଥାଏ । ଏଥିସହିତ ରାଜ୍ୟ ସରକାର ବରିଷ୍ଠ ନାଗରିକର ଧନ ଜୀବନର ସୁରକ୍ଷା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତି ଓ ନିର୍ଦ୍ଧାରଣ ଓ ତାର ପ୍ରୟୋଗ କରିବା ଆବଶ୍ୟକ ।

୨୦. **ଏହି ଅଧିନିୟମ ଜଣେ ବରିଷ୍ଠ ନାଗରିକଙ୍କୁ ପରିତ୍ୟାଗ କରିବା ପରି କ୍ଷେତ୍ରରେ କିପରି ତାଙ୍କୁ ସୁରକ୍ଷା ଦେଇପାରେ ?**

ଉତ୍ତର- ବରିଷ୍ଠ ନାଗରିକଙ୍କର ସେବାଯତ୍ନ ଓ ସୁରକ୍ଷା ଦାୟିତ୍ୱରେ ଥିବା କୌଣସି ବ୍ୟକ୍ତି ତାଙ୍କୁ ସଂପୂର୍ଣ୍ଣ ପରିତ୍ୟାଗ କରିବା ଉଦ୍ଦେଶ୍ୟରେ ଯେକୌଣସି ସ୍ଥାନରେ ଛାଡିଦେଲେ ତିନି ମାସଯାଏଁ ବର୍ଦ୍ଧିତ କାରାଦଣ୍ଡ କିମ୍ବା ୫୦୦୦/- ପର୍ଯ୍ୟନ୍ତ ଅର୍ଥ କିମ୍ବା ଉଭୟ ଦଣ୍ଡ ମିଳିବାର ବ୍ୟବସ୍ଥା ରହିଛି ।

୨୧. **ଅଧିନିୟମର ବ୍ୟବସ୍ଥା ଗୁଡିକୁ ରାଜ୍ୟ ସରକାର ମାନେ ସଠିକ୍ ଭାବରେ କାର୍ଯ୍ୟାନ୍ୱୟନ କରୁଛନ୍ତି କି ନାହିଁ ତାର ତଦାରଖ ପାଇଁ କି ବ୍ୟବସ୍ଥା ରହିଛି କି ?**

ଉତ୍ତର- କେନ୍ଦ୍ରସରକାର ସମୟଭିତିକ ସମୀକ୍ଷା କରିପାରିବେ ଓ ଅଧିନିୟମର ବ୍ୟବସ୍ଥା ଗୁଡିକ ଯଥାଯଥ ଭାବେ କାର୍ଯ୍ୟକାରିତା ଦିଗରେ ରାଜ୍ୟମାନଙ୍କୁ ମାର୍ଗଦର୍ଶନ କରାଇବେ ।